# କରୋନା ମହାମାରୀ ମୁକାବିଲା ସମୟରେ ମତ୍ସ୍ୟ ସମ୍ପଦ ବିକାଶ ପାଇଁ
# ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିଗୁଡ଼ିକୁ ପୁନଃକ୍ଷମ କରିବା ପାଇଁ ଆବର୍ତ୍ତନ ପାଣ୍ଠି ଯୋଗାଣ



- ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀଙ୍କ ସାମୁହିକ କଲ୍ୟାଣ ନିମନ୍ତେ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ମାନ ଗଠନ କରାଯାଇଛି ।
- ଆମ ରାଜ୍ୟରେ ବର୍ତ୍ତମାନ ୭୪୬ଟି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି କାର୍ଯ୍ୟକ୍ଷମ ଅଛନ୍ତି ।
- ସମ୍ବଲପୁରସ୍ଥ ହୀରାକୁଦ ଜଳଭଣ୍ଡାରରେ ଘରୋଇ ଉଦ୍ୟୋଗରେ ପଞ୍ଜୁରୀ ସ୍ଥାପନ କରି ବ୍ୟବସାୟିକ ମାଛ ଉତ୍ପାଦନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିନିମନ୍ତେ ବିଶ୍ୱସ୍ତରୀୟ ସଂଗଠନ ୱାର୍ଲଡ୍‌ଫିସ୍ (WorldFish) ଆନୁକୂଲ୍ୟରେ ଜଳଭଣ୍ଡାରର ମାଛଧରା ଅଞ୍ଚଳ ସ୍ଥିର କରାଯାଇଛି ।



- ଏହି ସମବାୟ ସମିତିଗୁଡ଼ିକୁ ଅଧିକ କାର୍ଯ୍ୟକ୍ଷମ ତଥା ସମିତି ସଭ୍ୟା/ସଭ୍ୟ ମାନଙ୍କ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ସମବାୟ ସମିତିକୁ ଦୁଇଲକ୍ଷ ଟଙ୍କାର ଆବର୍ତ୍ତନ ପାଣ୍ଠି ପର୍ଯ୍ୟାୟକ୍ରମେ ଯୋଗାଇ ଦିଆଯାଉଛି ।
- ଏହି ଆବର୍ତ୍ତନ ପାଣ୍ଠିରୁ ଏକ ଲକ୍ଷ ଟଙ୍କା ସମିତିର ସଭ୍ୟା/ସଭ୍ୟ ସେମାନଙ୍କ ବ୍ୟକ୍ତିଗତ ମାଛ ବ୍ୟବସାୟ, ଜାଲ/ଡଙ୍ଗା ମରାମତି ବାବଦକୁ (ଜଣ ପିଛା ବର୍ଷକୁ ୫୦୦୦ ଟଙ୍କା) ବାର୍ଷିକ ଶତକଡ଼ା ୪ ସୁଧରେ ନେବାର ବ୍ୟବସ୍ଥା ରହିଥିଲା ବେଳେ ଅବଶିଷ୍ଟ ଏକ ଲକ୍ଷ ଟଙ୍କା ସମିତି ସାମୁହିକ ଭାବେ ମାଛଚାଷ ଓ ଅନ୍ୟାନ୍ୟ ଆନୁସଙ୍ଗିକ ମାଛ ବ୍ୟବସାୟରେ ବିନିଯୋଗ କରିଥାଏ ।
- ବର୍ତ୍ତମାନ ସୁଦ୍ଧା ୩୧୦ଟି ପ୍ରାଥମିକ ସମବାୟ ସମିତିକୁ ଦୁଇଲକ୍ଷ ଟଙ୍କା ଲେଖାଏଁ ଆବର୍ତ୍ତନ ପାଣ୍ଠି ଯୋଗାଇ ଦିଆଯାଇଛି ।
- ଚଳିତ ବର୍ଷ ୨୧୦ ଟି ସମବାୟ ସମିତିକୁ ଆବର୍ତ୍ତନ ପାଣ୍ଠି ଯୋଗାଇବାର ଯୋଜନା ରହିଛି ।



### ସମବାୟ ସମିତି ଚୟନ

- ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ମାଧ୍ୟମରେ ଯୋଗ୍ୟ ସମବାୟ ସମିତିକୁ ଚିହ୍ନଟ କରାଯାଇ ସମବାୟ ସମିତିର ଶୀର୍ଷ ଅନୁଷ୍ଠାନ ଫିସ୍‌ଫେଡ୍‌କୁ ତାଲିକା ପଠାଯାଏ ।
- ଯୋଗ୍ୟ ସମବାୟ ସମିତିଗୁଡ଼ିକର ନାମ ସଂପୃକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଆବଶ୍ୟକ ।
- ଓଡ଼ିଶା କୋ-ଅପରେଟିଭ୍ ଆକ୍ଟ ୧୯୬୨ ଅନୁଯାୟୀ ପଞ୍ଜିକୃତ ହେବାର ତିନି ବର୍ଷ ପୂରଣ ହୋଇଥିବ ଓ ଏହି କାର୍ଯ୍ୟକ୍ରମରେ ପୂର୍ବରୁ ଆବର୍ତ୍ତୀ ପୁଞ୍ଜି ପାଇ ନଥିବେ ।
- ଅନ୍ୟୁନ ବିଗତ ତିନି ବର୍ଷର ଅଡିଟ୍ ସମ୍ପାଦିତ ହୋଇଥିବ ।

**"ଆବର୍ତ୍ତୀ ପୁଞ୍ଜିର ସୁବିନିଯୋଗ, ସୋସାଇଟି ପାଇଁ ସୁବର୍ଣ୍ଣ ଯୁଗ"**

**ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ନିକଟସ୍ଥ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।**

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**